# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**04 April - 2024**

**News Editor : *Tapan Kumar Maharana***

************************************

## ମୁଖ୍ୟ ସମ୍ବାଦ

- ନିର୍ବାଚନ କାର୍ଯ୍ୟରେ ନିୟୋଜିତ ସରକାରୀ କର୍ମଚାରୀମାନେ ପୋଷ୍ଟାଲ ବାଲାଟ୍ ମାଧ୍ୟମରେ ଭୋଟ ଦେଇପାରିବେ; ସ୍ପଷ୍ଟ କଲେ ଭାରତର ନିର୍ବାଚନ କମିଶନ
- ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଆଜି ଥିଲା ଶେଷ ଦିନ
- ଅଶ୍ୱିନୀ ବୈଷ୍ଣବ, ଦେବାଶିଷ୍ ସାମନ୍ତରାୟ ଏବଂ ଶୁଭାଶିଷ୍ ଖୁଣ୍ଟିଆ ରାଜ୍ୟସଭାର ସାଂସଦ ଭାବେ ଆଜି ନେଲେ ଶପଥ
- ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ତିରୋଧାନ ଦିବସ ଅବସରରେ ରାଜ୍ୟବାସୀ ଦେଲେ ଶ୍ରଦ୍ଧାଞ୍ଜଳି

ଏବଂ

- ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଆସନ୍ତା ଶନିବାର ପର୍ଯ୍ୟନ୍ତ ବଳବତ୍ତର ରହିବ; ପାଣିପାଗ ବିଭାଗର ସୂଚନା

## ମିଥ୍ୟା ବାର୍ତ୍ତା

ସରକାରୀ କର୍ମଚାରୀମାନେ ପୋଷ୍ଟାଲ ବାଲାଟ୍ ମାଧ୍ୟମରେ ଭୋଟ ଦେଇପାରିବେ ନାହିଁ ବୋଲି ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ଏକ ମିଥ୍ୟା ଖବରକୁ ନିର୍ବାଚନ କମିଶନ ଖଣ୍ଡନ କରିଛନ୍ତି। ଏ ନେଇ ସାମାଜିକ ଗଣମାଧ୍ୟମରେ ନିର୍ବାଚନ କମିଶନ କହିଛନ୍ତି, ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଅଧିକାରୀମାନେ ନିର୍ଦ୍ଧାରିତ ମତଦାନ କେନ୍ଦ୍ରରେ ପୋଷ୍ଟାଲ ବାଲାଟ ମାଧ୍ୟମରେ ଭୋଟ ଦେଇପାରିବେ। ଏଭଳି ବିଭ୍ରାନ୍ତିକର ଏବଂ ମିଛ ଖବର ପ୍ରତି ଧ୍ୟାନ ନ ଦେବାକୁ ଆୟୋଗ ପକ୍ଷରୁ  ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଜନସାଧାରଣ ଆୟୋଗଙ୍କ ସରକାରୀ ୱେବ୍‌ସାଇଟ୍‌ରୁ ଏହି ସମ୍ପର୍କିତ ଖବର ବାବଦରେ ଜାଣିପାରିବେ।

## ଲୋକସଭା ନିର୍ବାଚନ - ଦ୍ୱିତୀୟ ପର୍ଯ୍ୟାୟ

ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ଆଜି ଶେଷ ହୋଇଛି । ଏହି ପର୍ଯ୍ୟାୟରେ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୮୮ଟି ଲୋକସଭା ଆସନ ସହିତ ମଣିପୁର ଉପକଣ୍ଠ ଲୋକସଭା ନିର୍ବାଚନ ମଣ୍ଡଳୀର ଅବଶିଷ୍ଟ ଭାଗରେ ନିର୍ବାଚନ ହେବ। ଏହି ପର୍ଯ୍ୟାୟ ପାଇଁ ଏପ୍ରିଲ ୨୬ ତାରିଖରେ ମତଦାନ ହେବ।

## କେନ୍ଦ୍ରୀୟ ନିର୍ବାଚନ ଆୟୋଗ-ନିର୍ଦ୍ଦେଶାବଳୀ

ଚଳିତ ଲୋକସଭା ଏବଂ ବିଧାନସଭା ନିର୍ବାଚନରେ ଆନ୍ତଃରାଜ୍ୟ ଓ ଅନ୍ତର୍ଜାତୀୟ ସୀମାରେ ଆଇନ୍‌ଶୃଙ୍ଖଳା ପରିସ୍ଥିତି, ବେଆଇନ୍ କାର୍ଯ୍ୟକଳାପ ରୋକିବା ଏବଂ ଏହା ଉପରେ କଡା ନଜର ରଖିବା ପାଇଁ ଭାରତର ନିର୍ବାଚନ

ଆୟୋଗ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଅଧିକାରୀମାନଙ୍କ ସହିତ ସୀମା ରକ୍ଷଣାବେକ୍ଷଣ କରୁଥିବା କେନ୍ଦ୍ରୀୟ ଏଜେନ୍ସି ମଧ୍ୟରେ ଏକ ନିରବଚ୍ଛିନ୍ନ ସମନ୍ୱୟ ଏବଂ ସହଯୋଗ ପାଇଁ  ଗୋଟିଏ ମଞ୍ଚରେ ଏକାଠି ହେବା ପାଇଁ ଆୟୋଗଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ଏବଂ ପ୍ରଲୋଭନପୂର୍ଣ୍ଣ ନିର୍ବାଚନ ସୁନିଶ୍ଚିତ କରିବା ପାଇଁ ନିର୍ବାଚନ ଆୟୋଗ ପ୍ରତିବଦ୍ଧତା ଉପରେ  ଆଲୋକପାତ କରି ମୁଖ୍ୟ ନିର୍ବାଚନ ଆୟୁକ୍ତ କହିଛନ୍ତି, ନିର୍ବାଚନ ପ୍ରକ୍ରିୟାରେ ବିଶ୍ୱସନୀୟତା ବଜାୟ ରଖିବା ଏବଂ ସମାନ ସୁଯୋଗ ନିଶ୍ଚିତ କରିବା  ଉପରେ ସମସ୍ତ ଅଂଶୀଦାରମାନେ ଧ୍ୟାନ ଦେବାକୁ ପଡିବ। ପଡୋଶୀ ରାଜ୍ୟ-ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ମଧ୍ୟରେ ସମନ୍ୱୟ ବଢ଼ାଇବା, ପର୍ଯ୍ୟାପ୍ତ ପରିମାଣରେ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ସୁରକ୍ଷା ବଳ ଗୁଡ଼ିକୁ କଡାକଡି ମୁତୟନ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି।

କେନ୍ଦ୍ରୀୟ ସଶକ୍ତ ପୁଲିସ୍ ବଳ ଯବାନ୍‌ମାନଙ୍କର ଗମନାଗମନ ଓ ପରିବହନ ପାଇଁ ସମସ୍ତ ପ୍ରକାର ସହାୟତା, ନିର୍ବାଚନ ପ୍ରକ୍ରିୟା ଉପରେ ପ୍ରଭାବ ପକାଉଥିବା ସୀମାନ୍ତ ଅଞ୍ଚଳରେ ଫ୍ଲାସ୍ ପଏଣ୍ଟ ଚିହ୍ନଟ କରିବା ଉପରେ ଯୋର୍ ଦେଇଛନ୍ତି। ଅତୀତର ଅନୁଭୂତି ଆଧାରରେ ସାମ୍ପ୍ରଦାୟିକ ଉତ୍ତେଜନାର ସମାଧାନ ପାଇଁ ପ୍ରାଥମିକ ପଦକ୍ଷେପ ଏବଂ ବେଆଇନ୍ କାର୍ଯ୍ୟକଳାପ ବିରୋଧରେ ସୀମାକୁ ରଖିବା ଜରୁରୀ ଆବଶ୍ୟକତା ଉପରେ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଅନ୍ତର୍ଜାତୀୟ ସୀମାରେ ନିଶା ଦ୍ରବ୍ୟ ଓ ମାଦକ ଦ୍ରବ୍ୟ କାରବାର, ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସହିତ ନିଷିଦ୍ଧ ସାମଗ୍ରୀ

ପରିବହନ ଉପରେ ଅଙ୍କୁଶ ଲଗାଇବା ପାଇଁ କଡା ସତର୍କତା ଅବଲମ୍ବନ କରିବା ପାଇଁ ଆୟୋଗଙ୍କ ପକ୍ଷରୁ ସମସ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କେତେକ ରାଜ୍ୟରେ ବେଆଇନ୍ ଗଞ୍ଜେଇ ଚାଷ ଉପରେ ଅଙ୍କୁଶ ଲଗାଇବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

## ଜନଶୁଣାଣି ପୋର୍ଟାଲ୍

ସାଧାରଣ ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ଜନ ଅଭିଯୋଗ ଶୁଣାଣି ପାଇଁ ଲୋକମାନେ ଜନଶୁଣାଣି ପୋର୍ଟାଲ୍ ଜରିଆରେ ଅଭିଯୋଗ କରିପାରିବେ ବୋଲି ରାଜ୍ୟବାସୀଙ୍କ ପକ୍ଷରୁ କୁହାଯାଇଛି । ନିର୍ବାଚନ ଆଦର୍ଶ ଆଚରଣ ବିଧି ବଳବତ୍ତର ଥିବାରୁ ଏହି ସମୟରେ ଜନଶୁଣାଣି ପୋର୍ଟାଲ୍ ଜରିଆରେ ଆସୁଥିବା ମାମଲାଗୁଡ଼ିକର ସମାଧାନ କରାଯିବ । ଏହି ଅଭିଯୋଗଗୁଡ଼ିକୁ ସମ୍ପୃକ୍ତ ବିଭାଗ କିମ୍ବା ଅଧିକୃତ କର୍ତ୍ତୃପକ୍ଷ ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ସମସ୍ତ ବିଭାଗର ସଚିବ, ପୁଲିସ ମହାନିର୍ଦ୍ଦେଶକ, ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ପତ୍ର ଲେଖିଛନ୍ତି ।

## ରାଜ୍ୟସଭା ଶପଥପାଠ

ଓଡ଼ିଶାରୁ ମନୋନିତ ହୋଇଥିବା ୩ ରାଜ୍ୟସଭା ସାଂସଦ ଅଶ୍ୱିନୀ ବୈଷ୍ଣବ, ଦେବାଶିଷ୍ ସାମନ୍ତରାୟ, ଶୁଭାଶିଷ ଖୁଣ୍ଟିଆଙ୍କ ସମେତ ମୋଟ ୧୪ ଜଣ ସାଂସଦ ଆଜି ଶପଥ ନେଇଛନ୍ତି। ଉପରାଷ୍ଟ୍ରପତି ଏବଂ ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ ପାର୍ଲାମେଣ୍ଟ ଭବନରେ ସାଂସଦମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। ଅନ୍ୟ ପ୍ରମୁଖ ସାଂସଦମାନଙ୍କ

ମଧ୍ୟରେ  କଂଗ୍ରେସ୍‌ର ବରିଷ୍ଠ ନେତ୍ରୀ ସୋନିଆ ଗାନ୍ଧି, କଂଗ୍ରେସର ନେତା ଅଜୟ ମେକାନ୍, ବିଜେପି ନେତା ଆର.ପି.ଏନ୍ ସିଂ ପ୍ରମୁଖ ଶପଥ ନେଇଛନ୍ତି। ସୂଚନାଯୋଗ୍ୟ, ଅଶ୍ୱିନୀ ବୈଷ୍ଣବ ଓଡ଼ିଶାରୁ ବିଜେପି ପକ୍ଷରୁ ନିର୍ବାଚିତ ହୋଇଥିବାବେଳେ ଦେବାଶିଷ୍ ସାମନ୍ତରାୟ ଏବଂ ଶୁଭାଶିଷ୍ ଖୁଣ୍ଟିଆ ବିଜୁ ଜନତା ଦଳରୁ ରାଜ୍ୟସଭାକୁ ଯାଇଛନ୍ତି।

ଓଡ଼ିଶାର ୩ ରାଜ୍ୟସଭା ସାଂସଦ ପ୍ରଶାନ୍ତ ନନ୍ଦ, ଅମର ପଟ୍ଟନାୟକ ଏବଂ ଅଶ୍ୱିନୀ ବୈଷ୍ଣବଙ୍କର କାର୍ଯ୍ୟକାଳ ଗତକାଲି ଶେଷ ହୋଇଥିଲା। ସାଂସଦ ପ୍ରଶାନ୍ତ ନନ୍ଦ, ଅମର ପଟ୍ଟନାୟକ ସ୍ଥାନରେ ଦେବାଶିଷ୍ ସାମନ୍ତରାୟ ଏବଂ ଶୁଭାଶିଷ୍ ଖୁଣ୍ଟିଆ ରାଜ୍ୟସଭାକୁ ନିର୍ବାଚିତ ହୋଇଥିବାବେଳେ ଅଶ୍ୱିନୀ ବୈଷ୍ଣବ ଦ୍ୱିତୀୟ ଥର ପାଇଁ ରାଜ୍ୟସଭା ଯାଇଛନ୍ତି।

## ତାଲିମ୍ ଶିବିର

ଆସନ୍ତା ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ ତଥା ତ୍ରୁଟି ଶୂନ୍ୟ ବ୍ୟବସ୍ଥିତ ଭାବେ ସଂଚାଳନ କରିବା ନିମନ୍ତେ ବୌଦ୍ଧଠାରେ ଆଜି ନିର୍ବାଚନ ପରିଚାଳନା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମତଦାନ ପ୍ରକ୍ରିୟାକୁ ସରଳ ଓ ତ୍ରୁଟିଶୂନ୍ୟ କରିବା ପାଇଁ ଇଭିଏମ ପରିଚାଳନା, ଭିଭିପାଟ ବ୍ୟବହାର ଉପରେ ନିଯୁକ୍ତ ପୋଲିଂ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି।

## ଦିବ୍ୟାଙ୍ଗଙ୍କ ମତଦାନ

ଚଳିତ ନିର୍ବାଚନରେ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ମତଦାତାମାନେ ସୁରୁଖୁରୁରେ ନିଜର ମତାଧିକାର ସାବ୍ୟସ୍ତ କରିପାରିବେ। ସେ ନେଇ ବଲାଙ୍ଗିର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ

ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଅଧିକାରୀମାନେ ଯୋଗଦେଇ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ମତଦାତାମାନଙ୍କୁ ମତଦାନ କେନ୍ଦ୍ରକୁ ନେବା ଆଣିବା କରିବା ସହ ସେମାନଙ୍କୁ ପ୍ରାଥମିକତା ଭିତ୍ତିରେ ମତଦାନ କରିବାର ସୁଯୋଗ ଦିଆଯିବା ଉପରେ ଆଲୋଚନା କରାଯାଇଥିଲା।

## ସକାଳୁଆ କୋର୍ଟ

ରାଜ୍ୟର ସବୁ ଜିଲ୍ଲାସ୍ତରୀୟ ଏବଂ ନିମ୍ନ ଅଦାଲତଗୁଡ଼ିକ ଆସନ୍ତା ୮ ତାରିଖରୁ ସକାଳୁ ଆରମ୍ଭ ହେବ । ପୂର୍ବାହ୍ନ ୭ଟାରୁ କୋର୍ଟ କାର୍ଯ୍ୟାଳୟ ଖୋଲା ରହିବ । ବ୍ରହ୍ମପୁର, ଛତ୍ରପୁର, ଭୁବନେଶ୍ୱର, କୋରାପୁଟ ସଦର ଏବଂ ପୁରୀ ସଦର ଅଦାଲତ ବ୍ୟତୀତ ଅନ୍ୟ ସବୁ କୋର୍ଟର କାର୍ଯ୍ୟ ସକାଳ ସାଢ଼େ ୭ଟାରୁ ସାଢ଼େ ୧୨ଟା ପର୍ଯ୍ୟନ୍ତ ଚାଲିବ । ଅନ୍ୟ କୋର୍ଟ ଗୁଡ଼ିକର କାର୍ଯ୍ୟ ଅପରାହ୍ଣ ଗୋଟାଏ ପର୍ଯ୍ୟନ୍ତ ଚାଲିବ । ସକାଳ ୧୦ଟାରୁ ଅଧଘଣ୍ଟାଏ ପାଇଁ ବିରିତ ରହିବ ବୋଲି ଓଡ଼ିଶା ହାଇକୋର୍ଟଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

## ସାମ୍ସ୍ ନାମଲେଖା

ରାଜ୍ୟର ୪୯୦ ସରକାରୀ ଏବଂ ବେସରକାରୀ ଆଇ.ଟି.ଆଇ.ଗୁଡ଼ିକରେ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ଚାଲିଛି । ଏହିସବୁ ଆଇ.ଟି.ଆଇ.ଗୁଡ଼ିକରେ ୮୩ ହଜାର ୬୭୬ ସିଟ୍‌ରେ ନାମ ଲେଖାଯିବ । ସେହିପରି ଡିପ୍ଲୋମା ପାଠ୍ୟକ୍ରମରେ ନାମଲେଖା ଲାଗି ୧୬୨ଟି କଲେଜ୍‌ର ପ୍ରାୟ ୭୧ ହଜାର ସିଟ୍‌ରେ ନାମ ଲେଖାଲାଗି ଆବେଦନ ପ୍ରକ୍ରିୟା

ମଧ୍ୟ ଆରମ୍ଭ ହୋଇଛି । ଆଗ୍ରହୀ ଛାତ୍ରଛାତ୍ରୀମାନେ 'ସାମ୍ସ୍' ଓଡ଼ିଶା ୱେବ୍‌ସାଇଟ୍‌ରେ ଆବେଦନ କରିବାପାଇଁ କର୍ତ୍ତୃପକ୍ଷ କହିଛନ୍ତି ।

## ଗଙ୍ଗାଧର ମେହେରଙ୍କୁ ଶ୍ରଦ୍ଧାଞ୍ଜଳି

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର କର୍ଣ୍ଣଧାର ତଥା ଓଡ଼ିଆ ସାହିତ୍ୟ ଜଗତର ଚିର ଜାଜ୍ୱଲ୍ୟମାନ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କର ତିରୋଧାନ ଦିବସ ଅବସରରେ ରାଜ୍ୟବାସୀ ତାଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଓଡ଼ିଆ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ କବିଙ୍କର ବହୁତ ବଡ ଯୋଗଦାନ ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଅବସରରେ କହିଛନ୍ତି।

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କର ତିରୋଧାନ ଦିବସ ଅବସରରେ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ୩ ଦିନିଆ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଆଜି ଉଦଘାଟନୀ ଉତ୍ସବରେ ବିଶ୍ୱବିଦ୍ୟାଳୟ ପରିସରରେ ଥିବା କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ତାଙ୍କ ବକ୍ତାମାନେ ଯୋଗଦେଇ ଓଡ଼ିଆ ସାହିତ୍ୟ ପ୍ରତି ତାଙ୍କ ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। କବିଙ୍କ ଜନ୍ମପୀଠ ବରଗଡ଼ ଜିଲ୍ଲାର ବରପାଲିଠାରେ ଆଜିଠାରୁ ୫ଦିନିଆ ଶ୍ରାଦ୍ଧ ଶତବାର୍ଷିକୀ ସମାରୋହ ଆୟୋଜନ କରାଯାଉଛି।

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି । ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ଅଧିକ ଗରମ ଅନୁଭୂତ ହେଉଛି । ଆସନ୍ତା ଶନିବାର ପର୍ଯ୍ୟନ୍ତ ପାଗରେ ପରିବର୍ତ୍ତନ ହେବ ନାହିଁ ଏବଂ ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି

ପାଇବାର ସମ୍ଭାବନା ଅଛି ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଅନୁମାନ କରିଛି । ନୟାଗଡ଼, ବୌଦ୍ଧ, କନ୍ଧମାଳ, କଟକ, ଯାଜପୁର ଏବଂ ଭଦ୍ରକ ଜିଲ୍ଲାରେ ଆଜି ଅଧିକ ଗ୍ରୀଷ୍ମପ୍ରବାହ ଅନୁଭୂତ ହୋଇଥିଲା। ପାଣିପାଗ ବିଭାଗ ସୂଚନା ଅନୁସାରେ, ବଲାଙ୍ଗିର, କଳାହାଣ୍ଡି, ବୌଦ୍ଧ, ମାଲକାନଗିରି, କେନ୍ଦୁଝର, କନ୍ଧମାଳ ଏବଂ ନୟାଗଡ଼ରେ ରାତି ତାପମାତ୍ରା ବୃଦ୍ଧି ପାଇବ। ଅନ୍ୟପକ୍ଷରେ ପଶ୍ଚିମାଝଡ଼ ପ୍ରଭାବରେ ଆସନ୍ତା ଶନିବାରଠାରୁ ରାଜ୍ୟରେ କାଳବୈଶାଖୀ ସମ୍ଭାବନା ଅଛି। ରାଜ୍ୟର ୧୧ଟି ସହରରେ ଆଜିର ଦିନ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ଥିଲା। ମାଲକାନଗିରି ଏବଂ ବୌଦ୍ଧରେ ସର୍ବାଧିକ ୪୨ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି।

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କୁ ଅଂଶୁଘାତରୁ ରକ୍ଷା କରିବା ପାଇଁ ପାଠପଢ଼ା ସମୟରେ ୩ ଥର ପାଣି ଯୋଗାଇ ଦେବାପାଇଁ ବ୍ଲକ୍ ଶିକ୍ଷା ଅଧିକାରୀ ଏବଂ ସ୍କୁଲର ପ୍ରଧାନଶିକ୍ଷକମାନଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ହିଟ୍ ୱେଭ୍-କ୍ୟାପିଟାଲ ହସ୍ପିଟାଲ

ପ୍ରବଳ ଖରା ଏବଂ ହିଟ ୱେଭ୍ ସ୍ଥିତିକୁ ଦୃଷ୍ଟିରେ ରଖି ଅଂଶୁଘାତର ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ପକ୍ଷରୁ ସମସ୍ତ ପ୍ରକାରର ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି ବୋଲି ହସପିଟାଲର ନିର୍ଦ୍ଦେଶକ ଲକ୍ଷ୍ମୀଧର ସାହୁ କହିଛନ୍ତି। ଅଂଶୁଘାତ ମୁକାବିଲା ପାଇଁ ହସ୍ପିଟାଲରେ ୧୦ଟି ବେଡ୍ ମହଜୁଦ ରଖାଯାଇଛି। ଏଥିସହ କ୍ୟାପିଟାଲ ହସ୍ପିଟାଲ ପରିସରରେ ୩ଟି ଓଆରଏସ କର୍ଣ୍ଣର ଖୋଲା ଯାଇ ଓଆରଏସ ପାଣି ବଣ୍ଟନ କରାଯାଉଛି।